# Akashvani, Sambalpur

## SAMBALPURI NEWS EVENING BULLETIN

## 2 April 2024- 7.02 pm- 7.12 pm.

*********************************************

୧- ରାଏଜେ ନିର୍ବାଚନ୍ ଲଢ୍‌ବାର୍ ଲାଗି ପ୍ରାର୍ଥୀ ତାଲିକା ଘୋଷ୍‌ନା କଲେ ଭାରତୀୟ ଜନତା ପାର୍ଟି ଆର୍ କଂଗ୍ରେସ୍ ।

୨- ରାଜ୍ୟର୍ ୮ ଝନ୍ ବରିଷ୍ଠ ପ୍ରଶାସନିକ ଆର୍ ପୁଲିସ୍ ଅଧିକାରୀଙ୍କୁ ବଦ୍‌ଲି କଲେ ଭାରତ୍‌ର ନିର୍ବାଚନ୍ ଆୟୋଗ୍ ।

୩- ଚଲ୍‌ତି ଶିକ୍ଷାବଛର୍ ଲାଗି ରାଜ୍ୟର୍ ବିଦ୍ୟାଳୟମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ନାଁଲେଖା ପ୍ରକ୍ରିୟା ।

ଆଉର୍

୪- ଛୋଟ୍ ଛୁଆମାନ୍‌କର୍ ମାନସିକ ଆଉ ସ୍ନାୟୁଗତ ସମସ୍ୟା ଅଟିଜମ୍‌କେ ନେଇକରି ଆଏଜ୍ ପାଲିତ୍ ହେଉଛେ ବିଶ୍ୱ ଅଟିଜମ୍ ଦିବସ୍ ।

ବିଜେପି ପ୍ରାର୍ଥୀ ତାଲିକା ବିଜେପି ପ୍ରେସ୍ ରିଲିଜ୍

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ନିର୍ବାଚନ୍ କମିଟି ଆଏଜ୍ ଓଡ଼ିଶା ଲାଗି ଶହେ ୧୨ ଝନ୍ ବିଧାନ୍‌ସଭା ପ୍ରାର୍ଥୀ ତାଲିକା ଘୋଷ୍‌ନା କରିଛେ । ଦଲ୍ ତର୍‌ଫୁ ଘୋଷ୍‌ନା କରାଯାଇଥିବା ପଶ୍ଚିମ ଓଡ଼ିଶାର୍ ପ୍ରମୁଖ ପ୍ରାର୍ଥୀମାନ୍‌କର୍ ଭିତ୍‌ରେ ସମ୍ବଲ୍‌ପୁର୍ ଆସନ୍ ଲାଗି ବିରୋଧୀ ଦଲ୍ ନେତା ଜୟନାରାୟଣ୍ ମିଶ୍ର, ବ୍ରଜରାଜ୍‌ନଗର୍ ଆସନ୍ ଲାଗି ବର୍‌ଗଡ଼୍ ସାଂସଦ୍ ସୁରେଶ୍ ପୂଜାରୀ ଆର୍ ଆଘର୍ ବିରୋଧୀ ଦଲ୍ ନେତା ପ୍ରଦୀପ୍ତ କୁମାର୍ ନାଏକ୍‌ଙ୍କୁ ଭବାନୀପାଟ୍‌ନା ଆସନ୍ ଲାଗି ଫେର୍‌ଘାଏ ପ୍ରାର୍ଥୀ କରାଯାଇଛେ । ଦଲର୍ ବରିଷ୍ଠ ନେତା କନକବର୍ଦ୍ଧନ୍ ସିଂହଦେଓଙ୍କୁ ପାଟ୍‌ନାଗଡ଼୍ ଆସନ୍ ଲାଗି ପ୍ରାର୍ଥୀ କରାଯାଇଛେ । ସେନ୍ତା ଦଲର୍ ରାଜ୍ୟ ଶାଖା ସଭାପତି ମନମୋହନ୍ ସାମଲ୍ ଚାନ୍ଦ୍‌ବାଲି ଆସନ୍‌ନୁ ପ୍ରାର୍ଥୀ ହେଇଛନ୍ ।

ବର୍‌ଗଡ଼୍ ଜିଲ୍ଲାର୍ ପଦ୍ମମ୍‌ପୁର୍ ବିଧାନ୍‌ସଭା ଆସନ୍ ଲାଗି ଗୋବର୍ଦ୍ଧନ୍ ଭୋଇ, ବିଜେପୁର୍ ନୁ ସନତ୍ କୁମାର୍ ଗଡ଼ତିଆ, ବର୍‌ଗଡ଼୍ ନୁ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ, ଅତାବିରାନୁ ନିହାର୍ ରଞ୍ଜନ୍ ମହାନନ୍ଦ, ଭଟ୍‌ଲିନୁ ଇରାସିସ୍ ଆଚାର୍ଯ୍ୟଙ୍କୁ ଭାରତୀୟ ଜନତା ପାର୍ଟି ତର୍‌ଫୁ ପ୍ରାର୍ଥୀ କରାଯାଇଛେ । ସେନ୍ତା ଝାର୍‌ସୁଗୁଡ଼ା

ବିଧାନ୍‌ସଭା ଆସନ୍ ଲାଗି ଟଙ୍କଧର୍ ତ୍ରିପାଠୀଙ୍କୁ ପ୍ରାର୍ଥୀ କରାଯାଇଛେ ।

ସୁନ୍ଦର୍‌ଗଡ଼୍ ଜିଲ୍ଲା ତଲ୍‌ସରାନୁ ଭବାନୀ ଶଙ୍କର୍ ଭୋଇ, ସୁନ୍ଦର୍‌ଗଡ଼୍ ଲାଗି ବିଧାୟିକା କୁସୁମ୍ ଟେଟେ, ବୀରମିତ୍ରପୁର ଶଙ୍କର୍ ଓରାମ୍, ରଘୁନାଥପାଲିନୁ ଦୁର୍ଗାଚରଣ୍ ତନ୍ତୀ, ରାଜ୍‌ଗାଙ୍ଗ୍‌ପୁର୍‌ନୁ ନରସିଂହ ମିଞ୍ଜ୍ ଆର୍ ବଣେଇନୁ ସେବତୀ ନାଏକ୍ ପ୍ରାର୍ଥୀ ହେଇଛନ୍ ।

ସମ୍ବଲପୁର୍ ଜିଲ୍ଲାର୍ କୁଚିଣ୍ଡାନୁ ରବିନାରାୟଣ୍ ନାଏକ୍, ରେଙ୍ଗାଲିନୁ ନାଉରୀ ନାଏକ୍ ଆର୍ ରେଢ଼ାଖୋଲ୍ ନୁ ଦେବେନ୍ଦ୍ର ମହାପାତ୍ର ଙ୍କୁ ଦଲ୍ ପ୍ରାର୍ଥୀ କରିଛେ । ସେଆଡ଼େ ଦେବ୍‌ଗଡ଼୍ ବିଧାନ୍‌ସଭା ଆସନ୍ ଲାଗି ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରାର୍ଥୀ ହେଇଛନ୍ । ଅନୁଗୁଲ୍ ଜିଲ୍ଲାର୍ ଛେଣ୍ଡିପଦାନୁ ଅଗସ୍ତି ବେହେରା, ଆଠ୍‌ମଲ୍ଲିକ୍‌ନୁ ସଞ୍ଜିବ ସାହୁଙ୍କୁ ପ୍ରାର୍ଥୀ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀରମହାରାଜପୁରନୁ ରଘୁନାଥ ଜଗଦଲା, ସୋନ୍‌ପୁର୍‌ନୁ ପ୍ରମୋଦ ମହାପାତ୍ର, ବଲାଙ୍ଗିର୍ ଜିଲ୍ଲାର୍ ଲୁଇସିଂହାନୁ ମୁକେଶ୍ ମହାଲିଙ୍ଗ, ବଲାଙ୍ଗିରନୁ ଗୋପାଲଜୀ ପାଣିଗ୍ରାହୀ, ଟିଟିଲାଗଡ଼୍‌ନୁ ନବୀନ ଜୈନ୍, କଂଟାବାଞ୍ଜିନୁ ଲକ୍ଷ୍ମଣ ବାଗ୍‌ଙ୍କୁ ପ୍ରାର୍ଥୀ କରାଯାଇଛେ ।

ସେନ୍ତା ନୂଆପଡ଼ା ଜିଲ୍ଲାର୍ ନୂଆପଡ଼ାନୁ ଅଭିନନ୍ଦନ୍ କୁମାର୍ ପଣ୍ଡା, ଖରିଆର୍‌ନୁ ହିତେଶ୍ କୁମାର୍ ବଗର୍ତୀ, କଲାହାଣ୍ଡି ଜିଲ୍ଲାର୍ ଲାଞ୍ଜିଗଡ଼୍‌ନୁ ରମେଶ ଚନ୍ଦ୍ର ମାଝୀ, ଜୁନାଗଡ଼୍‌ନୁ ମନୋଜ

କୁମାର୍ ମେହେର୍, ଧରମ୍‌ଗଡ଼୍‌ନୁ ସୁଧିର୍ ପାଟଯୋଷୀ, ନର୍ଲାନୁ ଅନିରୁଦ୍ଧ ପ୍ରଧାନ୍, ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ନୁ କହ୍ନେଇ ଚରଣ୍ ଡାଙ୍ଗ ଆର୍ ବୌଦ୍ଧନୁ ସରୋଜ୍ ପ୍ରଧାନ୍ ଙ୍କୁ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ କରିଛେ ।

କଂଗ୍ରେସ୍ ପ୍ରାର୍ଥୀ ତାଲିକା        କଂଗ୍ରେସ୍ ପ୍ରେସ୍ ରିଲିଜ୍

ଭାରତୀୟ ଜାତୀୟ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଆଏଜ୍ ଓଡିଶାର ୮ଟା ଲୋକସଭା ଆଉ ୪୯ଟା ବିଧାନସଭା ଆସନ୍ ଲାଗି ପ୍ରାର୍ଥୀ ଘୋଷନା କରିଛେ । ଦଲ୍ ତରଫୁ ଜାରି ହେଇଥିବା ତାଲିକା ଅନ୍‌ସାରେ, ବରଗଡ ଲୋକସଭା ଆସନ ଲାଗି ସଞ୍ଜୟ ଭୋଇ, ସୁନ୍ଦରଗଡ ନୁ ଜନାର୍ଦ୍ଦନ ଦେହୁରୀ, ବଲାଙ୍ଗିର ନୁ ମନୋଜ ମିଶ୍ର, କଳାହାଣ୍ଡି ନୁ ଦ୍ରୌପଦୀ ମାଝୀ, ନବରଙ୍ଗପୁର ନୁ ଭୁଜବଳ ମାଝୀ, କନ୍ଧମାଳ ନୁ ଅମୀର ଚାନ୍ଦ୍ ନାୟକ, ବ୍ରହ୍ମପୁର ନୁ ରଶ୍ମି ରଞ୍ଜନ ପଟ୍ଟନାୟକ ଆର୍ କୋରାପୁଟ ନୁ ସାଂସଦ୍ ସପ୍ତଗିରି ଶଙ୍କର ଉଲାକାଙ୍କୁ ଫେର୍‌ଘାଏ ପ୍ରାର୍ଥୀ କରାଯାଇଛେ ।

ସେନ୍ତା ବିଧାନସଭା ଆସନ୍ ଲାଗି ଘୋଷନା ହେଇଥିବା ପଶ୍ଚିମ ଓଡ଼ିଶାର୍ ପ୍ରମୁଖ ପ୍ରାର୍ଥୀଙ୍କର୍ ଭିତ୍‌ରେ ନର୍ଲା ନୁ ଆଘର୍ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ନୂଆପଡା ନୁ ପିସିସି ସଭାପତି

ଶରତ ପଟ୍ଟନାୟକ, ବ୍ରଜରାଜନଗରନୁ ଆଘର୍ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ରହିଛନ୍ । ସେନ୍ତା କଂଟାବାଞ୍ଜିନୁ ସନ୍ତୋଷ ସିଂ ସାଲୁଜା, ବରଗଡ ବିଧାନସଭା ଆସନ ନୁ ନିପନ୍ କୁମାର ଦାଶ, ପଦମ୍ପୁର ନୁ ଟଙ୍କଧର ସାହୁ, ବିଜେପୁର୍ ନୁ କିଶୋର୍ ଦଫାଦାର୍ ଆର୍ ଭଟ୍ଲି ନୁ ବ୍ରହ୍ମା ମହାକୁଡ଼ ପ୍ରାର୍ଥୀ ହେଇଛନ୍ ।

ସେଆଡ଼େ ସୁନ୍ଦର୍‌ଗଡ୍‌ନୁ ସୁଧାରାଣୀ ରାଉଡିଆ, ରାଉର୍‌କେଲାନୁ ବିରେନ୍ଦ୍ର ନାଥ ପଟ୍ଟନାୟକ୍, ଲୋଇସିଂହାନୁ ଓମ୍ପ୍ରକାଶ୍ କୁମ୍ବାର୍, ପାଟ୍‌ନାଗଡ଼୍ ନୁ ଅନୀଲ୍ ମେହେର୍, ବଲାଙ୍ଗୀର ନୁ ସମରେନ୍ଦ୍ର ମିଶ୍ରଙ୍କୁ କଂଗ୍ରେସ୍ ଦଲ୍ ପ୍ରାର୍ଥୀ କରିଛେ । ସେନ୍ତା ଜୁନାଗଡ଼୍ ନୁ ତୁଲେଶ୍ୱର୍ ନାଏକ୍, ଲାଞ୍ଜିଗଡ଼୍ ନୁ ବଲଭଦ୍ର ମାଝୀ, ଧର୍ମଗଡ଼୍ ନୁ ରଶ୍ମୀରେଖା ରାଉତ୍, ଭବାନୀପାଟ୍‌ନା ସାଗର୍ ଚରଣ ଦାସ, କଂଟାମାଲ୍ ନୁ ମନୋଜ୍ କୁମାର୍ ଆଚାର୍ଯ୍ୟ ଆର୍ ବୌଦ୍ଧ ନୁ ନବକୁମାର୍ ମିଶ୍ର କଂଗ୍ରେସ୍ ଦଲର୍ ପ୍ରାର୍ଥୀ ହେଇଛନ୍ ।

ନିର୍ବାଚନ୍- ବଦ୍‌ଲି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ୮୪ଜନ୍ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଆର୍ ପୁଲିସ ସେବା ଅଧିକାରୀଙ୍କୁ ଜଲ୍‌ଦି ବଦ୍‌ଲି କର୍‌ବାର୍‌କେ ନିର୍ବାଚନ ଆୟୋଗ ଆଏଜ୍ ନିର୍ଦ୍ଦେଶ ଦେଇଛନ୍ । ବଦ୍‌ଲି ହେବାର୍‌କେ ଥିବାର୍ ଅଧିକାରୀମାନେ

ହେଲେ କଟକ ଜିଲ୍ଲାପାଳ୍ ବିନୀତ୍ ଭରଦ୍ୱାଜ୍, ଜଗତସିଂହପୁର ଜିଲ୍ଲାପାଳ୍ ପରୁଲ୍ ପଟୱ୍ୱାରୀ, କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂ, ଅନୁଗୁଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ୍, ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବନୋଥ୍, ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ଆଉ କଟକ ଡିସିପି କନୱ୍ୱର ବିଶାଲ୍ ସିଂ । ଇ ଅଧିକାରୀମାନ୍‌କୁ ନିର୍ବାଚନୀ ସଂପର୍କିତ କାମ୍ ନାଇଁଥିବାର ପଦଥି ଅବସ୍ଥାପିତ୍ କର୍‌ବାର୍‌କେ ନିର୍ବାଚନ ଆୟୋଗ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି କରି ଜନେଇଛନ୍ ।

ସ୍କୁଲ୍ ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

୨୦୨୪-୨୫ ଶିକ୍ଷାବଛର୍ ଲାଗି ଛାତ୍ରଛାତ୍ରୀମାନ୍‌କର୍ ବୟସ୍ ଅନ୍‌ସାରେ ଠିକ୍ ଶ୍ରେଣୀଥି ସେମାନ୍‌କର୍ ନାଁ ଲେଖାବାର୍ ପ୍ରକ୍ରିୟା ଆଏଜ୍‌ନୁ ମୁଳ୍ ହେଇଛେ । ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍‌ଫୁ ସ୍କୁଲ୍‌ର ପ୍ରଧାନ୍ ଶିକ୍ଷକ୍‌ମାନ୍‌କୁ ଇ ବାବ୍‌ଦେ ନିର୍ଦ୍ଦେଶ୍ ଦିଆଯାଇଛେ । ୧ ନୁ ୯ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କର୍ ସମ୍ମେଟିଭ୍ ଆସେସ୍‌ମେଂଟ୍-୨ ର ପରୀକ୍ଷାଫଲ୍ ସ୍କୁଲ୍ କର୍ତ୍ତୃପକ୍ଷ ମାନେ ଅଭିଭାବକ୍ ଆଉ ଛାତ୍ରଛାତ୍ରୀଙ୍କୁ ଜନେଇ ଦେଇଛନ୍ । ଶିକ୍ଷାବଛର୍ ଆଏଜ୍‌ନୁ

ମୁଲ୍ ହେବାର୍ ଉତ୍‌ରୁ ପିଲାମାନ୍‌କୁ ମାହାଲିଆ ପଢ଼ା ବହି ବଂଟାଯିବା ବଲି ଜିଲ୍ଲାସ୍ତରର୍ ସବୁ ବିଦ୍ୟାଳୟର ପ୍ରଧାନ୍ ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନୁପ୍ ସାହା ଚିଠି ଲେଖିଛନ୍ ।

ସାଧାରଣ ନିର୍ବାଚନ୍- ସମ୍ବଲପୁର ସମ୍ବଲପୁର୍ ସମ୍ବାଦଦାତା

ସାଧାରଣ ନିର୍ବାଚନ୍ ଲାଗି ତାରିଖ୍ ଘୋଷ୍‌ନା ହେବାର୍ ଉତ୍‌ରୁ ସମ୍ବଲ୍‌ପୁର୍ ଜିଲ୍ଲା ନ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ପ୍ରଚାର୍ ପ୍ରସ୍ତୁତି ମୁଲ୍ ହେଇଛେ । ସେନ୍ତା ନିର୍ବାଚନ୍‌କେ ସୁରୁଖୁରୁଥି କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିଲ୍ ପ୍ରସ୍ତୁତି ଜୋର୍‌ଦାର୍ କରାଯାଇଛେ । ଜିଲ୍ଲା ନ ଥିବା ୪ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ଭୋଟ୍ ଲାଗି ନିୟୋଜିତ ହେବାର୍‌କେ ଥିବାର୍ କର୍ମଚାରୀ ମାନ୍‌କୁ ତାଲିମ୍ ଦିଆଯାଉଛେ । ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ଜିଲ୍ଲା ରିଟର୍ଣ୍ଣିଂ ଅଫିସର୍ ଆଉ ଜିଲ୍ଲାପାଲ୍ ଅଗ୍ରୱାଲ୍ ଅକ୍ଷୟ ସୁନୀଲ୍ କହିଛନ୍...

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ସେନ୍ତା ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍ କହିଛନ୍..

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ)

ଅଟିଜମ୍ ଦିବସ    ଆର୍‌ଏନ୍‌ୟୁ କଟକ

ଆଏଜ୍ ବିଶ୍ୱ ଅଟିଜମ୍ ଦିବସ୍ । ଅଟିଜମ୍ ରୋଗ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀକେ ପ୍ରଭାବିତ୍ କର୍‌ସି । ମସ୍ତିଷ୍କର ବିକାଶ୍ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଛୁଆବେଲୁ ଆରମ୍ଭ୍ ହେସି । ଇ ରୋଗ୍‌ଥି ପଡୁଥିବା ଛୁଆ ଆଉ ବୟସ୍କ ଲୋକ୍‌ମାନେ ଦେଖ୍‌ବାର୍, ଶୁନ୍‌ବାର୍ ଆର୍ ଅନୁଭବ୍ କର୍‌ବାର୍ ଲକ୍ଷଣ୍‌ଥି ବିଚ୍ୟୁତି ଦେଖାଦେସି । ଅଟିଜମ୍ ରୋଗ୍‌ଥି ପଡୁଥିବା ଛୁଆମାନ୍‌କର୍ ଭାଷା, କହେବାର୍ ଆର୍ ଶୁନ୍‌ବାର୍ ଶକ୍ତି ବହୁତ୍ ପରିମାଣ୍‌ଥି କମିଯାଏସି । ଅଟିଜମ୍ ଗୁଟେ ସ୍ନାୟୁଗତ ସମସ୍ୟା ହେଇଥିବାର୍‌ନୁ ଛୁଆବେଲେ ଝନେ ଛୁଆର୍ ମସ୍ତିଷ୍କ ଠିକ୍‌କରି ବିକଶିତ ନାଇଁହୁଏ । ଜନମ୍ ବେଲେ ଇ ରୋଗ୍ ଜନାନାଇଁପଡ଼େ । ଧିରେ ଧିରେ ଛୁଆର ଶାରୀରିକ ଅଭିବୃଦ୍ଧି ଘଟ୍‌ଲେ ଇ ରୋଗ୍‌ର ଲକ୍ଷଣ୍ ଦେଖାଦେସି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ସୂଚ୍‌ନା ଅନ୍‌ସାରେ ଫିଁ ଶହେ ଛୁଆ ଭିତ୍‌ରେ ଝନ୍‌କର୍ ଅଟିଜମ୍ ରୋଗ୍ ହେସି । ରୋଗ୍‌ର ଚିକିତ୍ସା କରେଇପାର୍‌ଲେ ଛୁଆର୍ ବେଭାର୍‌ଥି ବହୁତ୍‌ଟେ ଉନ୍ନତି ହେବାର୍ ଦେଖାଯାଏସି ଆଉ ଛୁଆର୍ ସାମାଜିକ ଆଉ ଯୋଗାଯୋଗ ଦକ୍ଷତା ବଢ଼୍‌ସି ।

ସକାଳୁଆ ସ୍କୁଲ୍       ଆର୍ଏନ୍ୟୁ/ କଟକ୍

ଇ ଶିକ୍ଷା ବଛର୍ ଆଏଜ୍‌ନୁ ମୁଲ୍ ହେଇଛେ । ଖରାକେ ନଜର୍‌ଥି ରଖିକରି ୧ ନୁ ୧୨ କ୍ଲାସ୍ ତକ୍ ଛାତ୍ରଛାତ୍ରୀ ମାନ୍‌କର୍ ସଖାଲ୍ ପଢ଼ା ହେଉଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆଉ ଘରୋଇ ସ୍କୁଲ୍ ମାନ୍‌କୁ ସଖାଲର୍ ୭ ବଜୁ ଦିନର୍ ସାଢ଼େ ୧୧ ବଜେତକ୍ ପାଠ୍‌ପଢ଼ା ହେବା । ସେନ୍ତା ଅଙ୍ଗନବାଡ଼ି କେନ୍ଦ୍ର ଭିଲ୍ ଆଏଜ୍ ସଖାଲୁଆ ହେଇଛେ ।